بسم الله الرحمٰن الرحيم

ଖୁତବା ଜୁମା ୦୪ ଜାନୁଆରୀ ୨୦୧୮ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

**ଚେଷ୍ଟା କର ଯେ, ଯେତେବେଳେ ତୁମେମାନେ ଏହ ସଂପ୍ରଦାୟରେ ପ୍ରବଶ୍ଟ ହୋଇଛ ତେବେ ତୁମ ଉପରେ ଏହ ଗୁରୁଦାୟୀତ୍ବଟି ନ୍ୟସ୍ତ ହେଉଛ ଯେ, ତୁମେମାନେ ପୁଣ୍ୟବାନ୍ ହୁଅ, ମୁତ୍ତକି ଅର୍ଥାତ୍ ସଂଯମୀ ହୁଅ ଏବଂ ପ୍ରତ୍ୟେକ ପାପରୁ ନଜକୁ ନବୃତ୍ତ ତଥା ସୁରକ୍ଷିତ ରଖନ୍ତୁ । ଦନରାତ ବଳାପ ତଥା ଦୁଃଖ ପ୍ରଦର୍ଶନ କରବାରେ ଲାଗି ଥାଅ, ମିଷ୍ଟଭଷୀ ହୁଅ, ଇସ୍ତେଗ୍‌ଫାରକୁ ନଜର ଦୈନକ ରୀତରେ ପରଣତ କର, ନମାଜ୍‌ରେ ଦୁଆ (ପ୍ରାର୍ଥନା କର)**

***ଇଣ୍ଡୋନେସିଆର ଜଣେ ଉତ୍ସର୍ଗୀକୃତ ପ୍ରଚାରକ, ଅନୁଭବୀ ତଥା ପୂର୍ବତନ ସେବକ ସ୍ବର୍ଗତ ସୁୟୁତ ଅଜିଜ୍ ସାହେବଙ୍କ ଜୀବନୀର ଚର୍ଚ୍ଚା***

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ : ଆଜି ଯେଉଁ ସାହାବାମାନଙ୍କର ମୁଁ ଚର୍ଚ୍ଚା କରିବି ତନ୍ମଧ୍ୟରୁ ସର୍ବପ୍ରଥମ ସାହାବିଙ୍କ ନାମ ହେଲା ଅବଦୁଲ୍ଲାଃ ଇବନେ ଅର୍-ରବିଇ ର.ଅ । ସେ ବୈଅତେ ଅକ୍‌ବା ସାନିୟାରେ ଶାମିଲ୍ ହୋଇଥିଲେ ଏବଂ ତାଙ୍କୁ ବଦର୍, ଓହୋଦ୍ ଏବଂ ମଅତା ଯୁଦ୍ଧରେ ଶାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା। ମଅତା ଯୁଦ୍ଧରେ ହିଁ ତାଙ୍କୁ ବୀରଗତି ପ୍ରାପ୍ତ କରିବାର ମର୍ଯ୍ୟାଦା ମିଳିଥିଲା ।

ଅନ୍ୟ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ଅତିୟା ବିନ୍ ନୱିରାହ୍ ର.ଅ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ତାଙ୍କ ସମ୍ବନ୍ଧରେ କେବଳ ଏତିକି ହିଁ ଜ୍ଞାତବ୍ୟ ତଥ୍ୟ ଉପଲବ୍ଧ ଅଟେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ସହଲ୍ ବିନ୍ କୈସ୍ ର.ଅ । ହଜ଼ରତ୍ କାଆବ୍ ବିନ୍ ମାଲିକ୍ ବୋଲି ଜଣେ ଖ୍ୟାତି ସଂପନ୍ନ କବି ଥିଲେ, ତେଣୁ ହଜ଼ରତ୍ ସହଲ୍ ବିନ୍ କୈସ୍ ର.ଅ ତାଙ୍କ ଦାଦାଙ୍କର ପୁତ୍ର ଥିଲେ । ହଜ଼ରତ୍ ସହଲ୍ ବଦର୍ ଯୁଦ୍ଧ, ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ଏହି ଓହୋଦ୍ ଯୁଦ୍ଧରେ ହିଁ ସେ ବୀରଗତି ପ୍ରାପ୍ତ କରିଥିଲେ । ଆଁହଜ଼ରତ୍ ସ.ଅ ପ୍ରତ୍ୟେକ ବର୍ଷ ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ସାହାବାମାନଙ୍କ କବରର ପରିଦର୍ଶନ ନିମନ୍ତେ ସେଠାକୁ ଯାଉଥିଲେ । ଆଁହଜ଼ରତ୍ ସ.ଅ କହୁଥିଲେ ଯେ, ଈଶ୍ୱର କରନ୍ତେକି ! ମୁଁ ବି ସେହି ପାହାଡ଼ ସଦୃଶ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥିବା ସାହାବମାନଙ୍କ ପରି ବନି ଯାଆନ୍ତି କି ? ଅର୍ଥାତ୍ ମୋତେ ବି ସେହି ଦିନ ବୀରଗତି ପ୍ରାପ୍ତ ହୋଇଥାଆନ୍ତା କି । ଏକଦା ଆଁହଜ଼ରତ୍ ସ.ଅ ହଜ଼ରତ୍ ମସଅବ୍ ବିନ୍ ଉମୈର୍ ର.ଅଙ୍କ କବର ନକଟରୁ ଅତିକ୍ରମ କରୁଥିଲେ । ତେବେ ସେଠାରେ ହୁଜୁର୍ ସ.ଅ କିଛି କ୍ଷଣ ରହିଯାଇ ପ୍ରାର୍ଥନା କଲେ ଏବଂ ଏହି ଆୟତ୍ ଆବୃତ୍ତି କଲେ ଯେ, **ମିନଲ୍ ମୁମିନିନା ରଜାଲୁନ୍ ସଦକୁ ମା ଆହଦଲ୍ଲାଃହା ଅଲୈହ ଫମିନହୁମ୍ ମନ୍ କଜ଼ା ନହବହୁ ଵ ମିନହୁମ୍ ମଇଁ ୟନ୍ତଜ଼ିର୍ ଵମା ବଦ୍ଦଲୁ ତବଦୀଲା (ସୁରତୁଲ୍ ଅହଜ଼ାବ୍ :24)**

ଅର୍ଥାତ୍ ଏହି ବିଶ୍ୱାସକାରୀଙ୍କ ମଧ୍ୟରେ କେତେକ ଏପରି ଅଟନ୍ତି ଯେଉଁମାନେକି ଅଲ୍ଲାଃଙ୍କ ସହିତ କରିଥିବା ଅଂଗୀକାରକୁ ସତ୍ୟ ସାବ୍ୟସ୍ତ କରି ଦେଖେଇ ଥିଲେ । ସେମାନଙ୍କ ମଧ୍ୟରୁ କେତେକ ସେମାନଙ୍କ ପ୍ରତିଜ୍ଞାଙ୍କୁ ପାଳନ କରିଥିଲେ (ଅର୍ଥାତ୍ ଯୁଦ୍ଧ କରି ବୀରଗତି ପ୍ରାପ୍ତ କରିଥିଲେ) ଏବଂ ସେମାନଙ୍କ ମଧ୍ୟରୁ ଅନ୍ୟ କେତେକ ଏପରି ଅଛନ୍ତି ଯେଉଁମାନେ ଏବେ ବି ଅପେକ୍ଷାରତ ଅଟନ୍ତି ଏବଂ ସେମାନେ ନିଜ ସଂକଳ୍ପରେ କୌଣସି ଦୁର୍ବଳତା ପ୍ରକାଶ କରି ନଥିଲେ । ପୁନଶ୍ଚ ହୁଜୁର୍ ସ.ଅ କହିଲେ ଯେ, ମୁଁ ସାକ୍ଷ୍ୟ ଦେଉଅଛି ଯେ, ଏହି ସାହାବାମାନେ ହିଁ ପ୍ରଳୟ ଦିବସ ଦିନ ଶହୀଦମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିବେ । ତେଣୁ ତୁମେମାନେ ମଧ୍ୟ ଏମାନଙ୍କ କବର ପାଖକୁ ଯାଇ ଏମାନଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହେବା ପାଇଁ ପ୍ରାର୍ଥନା କର । ମୁଁ ଈଶ୍ୱରଙ୍କ ଅସ୍ତିତ୍ୱର ଶପଥ କରି କହୁଛି ଯାହାଙ୍କ ହାତମୁଠାରେ ମୋର

ପ୍ରାଣବାୟୁ ରହିଛି । ପ୍ରଳୟ ଦିବସ ପର୍ଯ୍ୟନ୍ତ ଏହି ଶୋହଦାମାନଙ୍କ ଉପରେ ଯିଏ ବି ଶାନ୍ତି ଅବତୀର୍ଣ୍ଣ ହେବା ପାଇଁ ପ୍ରାର୍ଥନ କରିବ ସେହି ପ୍ରାର୍ଥନକାରୀଙ୍କର ଏହି ଶୋହଦାମାନେ ଉତ୍ତର ଦେବେ । ଆଁହଜ଼ରତ୍ ସ.ଅଙ୍କ ସାହାବାମାନେ ଏଠାକୁ ଆସି ସେହି ଶୋହଦାମାନଙ୍କ ପାଇଁ ପ୍ରାର୍ଥନା କରୁଥିଲେ । ହଜ଼ରତ୍ ସହଲ୍ ବିନ୍ ରୈସ୍ ର.ଅଙ୍କ ଭଉଣୀ ହଜ଼ରତ୍ ସଖତା ଏବଂ ହଜ଼ରତ୍ ଅମରା ମଧ୍ୟ ଆଁହଜ଼ରତ୍ ସ.ଅଙ୍କ ଉପରେ ବିଶ୍ୱାସ ଆଣିଥିଲେ ଏବଂ ଆପଣ ସ.ଅଙ୍କ ହସ୍ତରେ ବୈଅତ୍ କରିଥିଲେ ।

ପୁନଶ୍ଚ ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଅବଦୁଲ୍ଲାଃ ବିନ୍ ହମିର୍ ଅଲ୍-ଅଶଜଇ ର.ଅ । ସେ ସେହି କେତେକ ସାହାବିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ଯେଉଁମାନେ ଓହୋଦ୍ ଯୁଦ୍ଧରେ ହଜ଼ରତ୍ ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ସହିତ ଦରରା (ଦୁଇ ପାହାଡ଼ର ମଧ୍ୟବର୍ତ୍ତୀ ସ୍ଥାନ) ରେ ଅଟଳ ଭାବେ ଛିଡ଼ା ହୋଇ ରହିଥିଲେ । ଯେତେବେଳେ ଅନ୍ୟ ସାହାବାମାନେ ବିଜୟର ଦୃଶ୍ୟ ଦେଖିବା ପରେ ମୁସଲମାନମାନଙ୍କର ଅନ୍ୟ ସଂପ୍ରଦାୟ ସହିତ ସାକ୍ଷାତ୍ କରିବା ପାଇଁ ତଳକୁ ଓହ୍ଲାଇ ଆସିଲେ ସେତେବେଳେ ହଜ଼ରତ୍ ଅବଦୁଲ୍ଲାଃ ସେମାନଙ୍କୁ ଉପଦେଶ ଦେବା ପାଇଁ ଛିଡ଼ା ହେଲେ । ସେ ସର୍ବପ୍ରଥମେ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କଲେ ଏବଂ ପୁନଶ୍ଚ ଅଲ୍ଲାଃ ଏବଂ ରସୁଲ ସ.ଅଙ୍କର ଆଜ୍ଞା ପାଳନ କରିବାକୁ ଉପଦେଶେ ଦେଲେ କିନ୍ତୁ ସେମାନେ ତାଙ୍କର କଥାକୁ ଖାତିର କଲେ ନାହିଁ ବରଂ ଅବଜ୍ଞା ଓ ଅମାନ୍ୟ କରି ଚାଲିଗଲେ । ଏପର୍ଯ୍ୟନ୍ତକି ହଜ଼ରତ୍ ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ସହିତ ଦରରା ଠାରେ ମାତ୍ର ଦଶଜଣରୁ ଉର୍ଦ୍ଧ୍ୱ ସାହାବାମାନେ ରହିଯାଇଥିଲେ । ସେହି ସମୟରେ ଖାଲିଦ୍ ବିନ୍ ୱଲିଦ୍ ଏବଂ ଇକରମା ବିନ୍ ଅବୁ ଜହଲ୍ ଦରରା ଶୂନ୍ୟ ପଡ଼ିଥିବା ଦେଖି ଯେଉଁ ସାହାବାମାନେ ଦରରାର ସୁରକ୍ଷା ପାଇଁ ସେଠାରେ ରହିଯାଇଥିଲେ ସେହି ସାହାବାମାନଙ୍କ ଉପରେ ଆକ୍ରମଣ କରିଦେଲେ । ଏହି ନଗଣ୍ୟ ତଥା ସ୍ୱଳ୍ପ ସଂଖ୍ୟକ ଜମାଅତ୍ ସେହି ଶତ୍ରୁମାନଙ୍କ ଉପରକୁ ତୀର ବର୍ଷଣ କଲେ ଏପର୍ଯ୍ୟନ୍ତକି ସେହି ଶତ୍ରୁମାନେ ସାହାବାମାନଙ୍କ ନିକଟବର୍ତ୍ତୀ ହୋଇ ସେମାନଙ୍କୁ ସେହି ମୁହୂର୍ତ୍ତରେ ଶହୀଦ୍ କରିଦେଇଥିଲେ ।

ଏହି ଘଟଣାର ସମ୍ପର୍କିତ ବିସ୍ତୃତ ବିବରଣୀ ହଜ଼ରତ୍ ମିର୍ଜ଼ା ବଶୀରୁଦ୍ଦୀନ୍ ମେହମୁଦ୍ ଅହମଦ୍ ସାହାବ୍ **ସିରତ୍ ଖାତମୁନ୍ ନବିୟିନରେ** ଉଲ୍ଲେଖ କରିଛନ୍ତି । ଅର୍ଥାତ୍ ଘଟଣାକ୍ରମଟି ଏହିପରି ଯେ, ଆଁହଜ଼ରତ୍ ସ.ଅ ଅଲ୍ଲାଃତାଲାଙ୍କ ସହୋଯୋଗିତା ଉପରେ ବିଶ୍ୱାସ କରି ଆଗକୁ ଅଗ୍ରସର ହେଲେ ଏବଂ ଓହୋଦର ରଣାଙ୍ଗନ ବକ୍ଷରେ ଶିବିର ସ୍ଥାପନ କଲେ ଏବଂ ହୁଜୁର୍ ସ.ଅ ଏପରି ଢଙ୍ଗରେ ଶିବିର ସ୍ଥାପନ କଲେ ଯେ, ଯେପରିକି ଓହୋଦର ପର୍ବତ ମୁସଲମାନମାନଙ୍କ ପଛ ପଟକୁ ଆସିଗଲା ଏବଂ ପାହାଡ଼ଟି ଯେପରି ସମ୍ମୁଖରେ ଥିଲା। ଏହିପରିଭାବେ ସୈନ୍ୟର ପଛ ପଟକୁ ସୁରକ୍ଷିତ କରି ଦିଆଗଲା । ସେହି ପାହାଡ଼ର ପଛ ପଟରେ ଗୋଟିଏ ଦରରା ଥିଲା ଯେଉଁଠାରୁ ଆକ୍ରମଣର ସମ୍ଭାବନା ଥିଲା । ସେହି ଦରରାର ସୁରକ୍ଷା ପାଇଁ ଆଁହଜ଼ରତ ସ.ଅ ଏହି ବ୍ୟବସ୍ଥା କଲେ ଯ, ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ନେତୃତ୍ୱେରେ ୫୦ ଜଣ ତୀରଚାଳନାକାରୀ ସାହାବିମାନଙ୍କୁ ସେଠାରେ ମୁତୟନ କଲେ ଏବଂ ସେମାନଙ୍କୁ ତାଗିଦ୍ କରି କହିଲେ ଯେ, ଯେକୌଣସି ବି ପରିସ୍ଥିତି ଆସୁ ନା କାହିଁକି ସେମାନେ ସେହି ଜାଗାକୁ ଶୂନ୍ୟ ନକରି ଏବଂ ଶତ୍ରୁମାନଙ୍କ ଉପରକୁ ତୀର ବର୍ଷଣ କରି ଚାଲନ୍ତୁ । ତେଣୁ ହଜ଼ରତ୍ ଅବଦୁଲ୍ଲା ବିନ୍ ହମିର୍ ଅଲ୍ ଅଶଜଇ ଏହି ଦରରାର ସୁରକ୍ଷା ବିଷୟରେ ଏତେ ଚିନ୍ତିତ ଥିଲେ ଯେ, ସେ ହଜ଼ରତ୍ ଅବଦୁଲ୍ଲାଃ ଇବନେ ଜୁବୈର୍ ର.ଅଙ୍କୁ ବାରମ୍ବାର କହୁଥିଲେ ଯେ, ଦେଖ ! ଏହି ଦରରା ଯେକୌଣସି ପରିସ୍ଥିତିରେ ଆସୁ ନା କାହିଁକି ଯେପରି ଶୂନ୍ୟ ନରହୁ । ତେଣୁ ଯଦି ତୁମେ ଏହା ଦେଖ ଯେ, ଆମ୍ଭେମାନେ ଜୟଯୁକ୍ତ ହୋଇଯାଇଛୁ ଏବଂ ଶତ୍ରୁମାନେ ପରାଜିତ ହୋଇ ପଳାୟନ କରିଛନ୍ତି । ତେବେ ତଥାପି ତୁମେ ସେହି ଜାଗାକୁ ଶୂନ୍ୟ ରହିବାକୁ ଦିଅ ନାହିଁ ଓ ଯଦି ତୁମେ ଦେଖ ଯେ, ମୁସଲମାନମାନେ ପରାଜିତ ହୋଇଯାଇଛନ୍ତି ଏବଂ ଶତ୍ରୁମାନେ ଆମ୍ଭମାନଙ୍କୁ ପରାସ୍ତ କରି ବିଜୟଲାଭ କରିନେଇଛନ୍ତି ତେବେ ସେ କ୍ଷେତ୍ରରେ ମଧ୍ୟ ତୁମେମାନେ ଏହି ଜାଗାରୁ ହଟିବ ନାହିଁ । ଏପର୍ଯ୍ୟନ୍ତକି ଏକ ରିୱାୟୟତରେ ଏହି ଶବ୍ଦ ମଧ୍ୟ ଉଲ୍ଲିଖିତ ଥିବାର ଜଣାଯାଏ ଯେ, ଯଦି ତୁମେ ଦେଖ ଯେ, ଚିଲ୍ ଶାଗୁଣାମାନେ ମଧ୍ୟ ଆମର ମାଂସକୁ ରାମ୍ପି ଖାଉଛନ୍ତି । ତେବେ ସେ କ୍ଷେତ୍ରରେ ମଧ୍ୟ ତୁମ୍ଭେମାନେ ସେଠାରୁ ହଟିବ ନାହିଁ । ଏପର୍ଯ୍ୟନ୍ତକି ତୁମମାନଙ୍କୁ ସେଠାରୁ ହଟିଯିବାର ନିର୍ଦ୍ଦେଶ ଦିଆଯାଏ । ହୁଜୁର୍ ସ.ଅ ନିଜର ଇସଲାମୀ ସୈନ୍ୟଦଳର ପଛପଟକୁ ସର୍ବଦା ସମ୍ପୂର୍ଣ୍ଣ ସୁଦୃଢ କରି ଧାଡ଼ି କରି ବିଭିନ୍ନ ସ୍ଥଳରେ ଗୋଟିଏ ଗୋଟିଏ ଅମିର୍ ନିଯୁକ୍ତ କରୁଥିଲେ । ସୁତରାଂ ଯେତେବେଳେ ଅବଦୁଲ୍ଲାଃ ଇବନେ ଜୁବୈର୍ ର.ଅଙ୍କ ସାଥୀମାନେ ଏହା ଦେଖିଲେ ଯେ, ବର୍ତ୍ତମାନ ତ' ବିଜୟ ହୋସାରିଛି ତେବେ ସେମାନେ ନିଜର ଅମିର୍ ଅବଦୁଲ୍ଲାଃ ର.ଅଙ୍କୁ କହିଲେ ଯେ, ବର୍ତ୍ତମାନ ତ' ଆମେ ବିଜୟଲାଭ କରିସାରିଛୁ ମୁସଲମାନମାନେ ତ'

ମାଲେ ଗନିମତ୍ (ଯୁଦ୍ଧଭୂମିରୁ ପ୍ରାପ୍ତ ଧନରତ୍ନ) ଏକତ୍ରିତି କରିବାରେ ଲାଗିଛନ୍ତି ତେଣୁ ଆମକୁ ଅନମୁତି ପ୍ରଦାନ କରନ୍ତୁ ଯେ, ଆମେମାନେ ବି ସୈନ୍ୟ ସହିତ ମାଲେ ଗନିମତ୍ ଏକତ୍ରିତ କରିବାରେ ସହଯୋଗ କରିବୁ । ଅବଦୁଲ୍ଲାଃ ର.ଅ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କଲେ ଏବଂ ଆଁହଜ଼ରତ୍ ସ.ଅଙ୍କ ପ୍ରଦତ୍ତ ତାଗିଦକୁ ମଧ୍ୟ ସ୍ମରଣ (ମନେ ପକାଇଲେ) କରାଇଲେ । ହେଲେ ସେମାନେ ବିଜୟର ପ୍ରସନ୍ନତା ଯୋଗୁଁ ଅସାବଧାନ ହୋଇଯାଇଥିଲେ । ଏହି କାରଣରୁ ସେମାନେ ସେଥିରୁ ନିବୃତ୍ତ ହେଲେ ନାହିଁ ଏବଂ ସେମାନେ ଏହା କହି ପାହାଡ଼ ଉପରିସ୍ଥ ଦରରାରୁ ନିମ୍ନକୁ ଓହ୍ଲାଇ ଆସିଲେ ଯେ, ରସୁଲୁଲ୍ଲାଃ ସ.ଅଙ୍କ କହିବାର କେବଳ ଏତିକି ଯଥାର୍ଥତା ଥିଲା ଯେ, ଯେପର୍ଯ୍ୟନ୍ତ ଆମ୍ଭମାନଙ୍କୁ ପୂର୍ଣ୍ଣ ସନ୍ତୁଷ୍ଟି (ଜୟଯୁକ୍ତ ଓ ଯୁଦ୍ଧ ଶେଷ) ହୋଇ ନାହିଁ । ସେପର୍ଯ୍ୟନ୍ତ ଆମ୍ଭେମାନେ ଦରରାକୁ ଶୂନ୍ୟ ରହିବାକୁ ଦେବୁ ନାହିଁ । ଏବେ କିନ୍ତୁ ଯୁଦ୍ଧ ଶେଷ ହୋଇଯାଇଛି ଏବଂ ଆମ୍ଭେମାନେ ଜୟଲାଭ କରିସାରିଛୁ ତେଣୁ ଆମ୍ଭମାନଙ୍କର ମାଲେ ଗନିମତ୍ ଏକତ୍ର କରିବାରେ କୌଣସି କ୍ଷତି ବା ହାନୀ ହେବ ନାହିଁ । ସୁତରାଂ ହଜ଼ରତ୍ ଅବ୍ଦୁଲ୍ଲାଃ ଏବଂ ତାଙ୍କର ୫, ୭ ଜଣ ସାଥୀମାନଙ୍କ ବ୍ୟତୀତ ଦରରାର ସୁରକ୍ଷା ପାଇଁ ଆଉ କେହି ରହିଲେ ନାହିଁ । ତେଣୁ ଅନତି ଦୂରରୁ ଖାଲିଦ୍ ବିନ୍ ୱଲିଦର ବୀଚକ୍ଷଣ ଦୃଷ୍ଟି ସେହି ଦରରା ଉପରେ ପଡ଼ିଲା ସେତେବେଳେ ସେ ପଥ ସୁଗମ ଦେଖି ନିଜର ଅଶ୍ୱାରୋହୀମାନଙ୍କୁ ଓ ସୈନ୍ୟ ସାମନ୍ତଙ୍କୁ ଶୀଘ୍ର ଶୀଘ୍ର ଏକତ୍ର କରି ଯଥାଶୀଘ୍ର ଦରରା ଆଡ଼କୁ ମହାଁଇଲା ଏବଂ ତା ପଛେ ପଛେ ଇକରମା ବିନ୍ ଅବୁ ଜହଲ୍ ମଧ୍ୟ ଥିଲା । ଏ ଦୁହେଁ ଅବଦୁଲ୍ଲାଃ ବିନ ଜୁବୈର୍ ର.ଅ ଏବଂ ତାଙ୍କର ସ୍ୱଳ୍ପ ସଂଖ୍ୟକ ସହସାଥୀମାନଙ୍କ ଉପରେ ମୁହୂର୍ତ୍ତକରେ ଶହୀଦ୍ କରିଦେଇ ଇସଲାମୀ ସୈନ୍ୟଦଳର ପଛ ପଟରୁ ହଠାତ୍ ଆକ୍ରମଣ କଲେ ।

ପରବର୍ତ୍ତୀ ଚର୍ଚ୍ଚା ହଜ଼ରତ୍ ଅବିଦ୍ ବିନ୍ ଓସ୍ ଅନସାରୀ ର.ଅଙ୍କର ଅଟେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ଏହି ବଦର୍ ଯୁଦ୍ଧରେ ହିଁ ସେ ହଜ଼ରତ୍ ଅକିଲ୍ ବିନ୍ ଅବୁ ତାଲିବଙ୍କୁ ବନ୍ଦୀ କରିଥିଲେ । ଅଥବା ଏପରି ମଧ୍ୟ କୁହାଯାଏ ଯେ, ସେ ହଜ଼ରତ୍ ଅବବାସ୍ ର.ଅ ଏବଂ ହଜ଼ରତ୍ ନୌଫଲ୍ ର.ଅଙ୍କୁ ବନ୍ଦୀ କରିଥିଲେ । ଯେତେବେଳେ ସେ ଏହି ତିନିଜଣଙ୍କୁ ଦୌଡ଼ିରେ ବାନ୍ଧି ହୁଜୁର୍ ସ.ଅଙ୍କ ସମକ୍ଷରେ ଉପସ୍ଥିତ ହେଲେ ସେତେବେଳେ ହୁଜୁର୍ ସ.ଅ କହିଲେ **ଲକ୍ବଦ୍ ଅଆନକା ଅଲୈହିମ୍ ମଲକୁନ୍ କରମୁନ୍** । ଅର୍ଥାତ୍ ଏହି କୈଦୀ ବା ବନ୍ଦୀ କରିବାର ଘଟଣାରେ ଏକ ସମ୍ମାନାସ୍ପଦ ଈଶ୍ୱରଦୂତ ତୁମର ସାହାଯ୍ୟ କରିଛନ୍ତି । ସୁତରାଂ ଏହି କାରଣରୁ ଆଁହଜ଼ରତ୍ ସ.ଅ ହଜ଼ରତ୍ ଅବିଦ ର.ଅଙ୍କୁ ମୁକରର ଉପାଧିରେ ଭୂଷିତ କରି କହିଲେ ଅର୍ଥାତ୍ ଝିଞ୍ଜିରର କୃନ୍ଦକାରୀ ।

ବର୍ତ୍ତମାନ ହଜ଼ରତ୍ ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କର ଚର୍ଚ୍ଚା ହେବ । ଯାହାଙ୍କ ପ୍ରସଙ୍ଗରେ ପୂର୍ବେ ଆଲୋଚନା ହୋଇ ସାରିଛି । ସେ ସେହି ୭୦ ଜଣ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ଯେଉଁମାନେ ବୈଅତେ ଅକ୍ବା ସାନିୟାରେ ଶାମିଲ୍ ହୋଇଥିଲେ ଏବଂ ସେ ବଦର୍, ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇ ଓହୋଦ୍ ଯୁଦ୍ଧରେ ହିଁ ବୀରଗତି ପ୍ରାପ୍ତ କରିଥିଲେ । ହଜ଼ରତ୍ ଅବୁଲ୍ ଆସ୍ ର.ଅ ଯିଏକି ହୁଜୁର୍ ସ.ଅ ସୁପୁତ୍ରୀ ହଜ଼ରତ୍ ଜ୍ରୈନବ୍ ର.ଅଙ୍କର ସ୍ୱାମୀ ଥିଲେ । ସେ ବଦର୍ ଯୁଦ୍ଧ ଦିନ କୁଫ୍ଫାରମାନଙ୍କ ପଟୁ ଶାମିଲ୍ ହୋଇଥିଲେ ଏବଂ ହଜ଼ରତ୍ ଅବଦୁଲ୍ଲାଃ ଇବ୍ନେ ଜୁବୈର୍ ତାଙ୍କୁ ବନ୍ଦୀ ବା କୈଦ୍ କରିଥିଲେ । ତାଙ୍କର ଫିଦିୟାରେ (ସେହି ଧନ ଯାହାକି କୌଣସି କୈଦୀକୁ ମୁକୁଳାଇବା ପାଇଁ ଦିଆଯାଇଥାଏ ଅର୍ଥାତ୍ ଦିୟତ) ଅର୍ଥାତ୍ ଆଁହଜ଼ରତ୍ ସ.ଅଙ୍କ ସୁପୁତ୍ରୀ ଜ୍ରୈନବ୍ ର.ଅ ଯିଏକି ବର୍ତ୍ତମାନ ସୁଦ୍ଧା ମକ୍କାରେ ଥିଲେ ସେ କେତେକ ଜିନିଷ ପ୍ରେରଣ କଲେ (ଅର୍ଥାତ୍ ତାଙ୍କ ସ୍ୱାମୀଙ୍କୁ ମୁକୁଳାଇବା ପାଇଁ ) ତନ୍ମଧ୍ୟରୁ ତାଙ୍କର ଗୋଟିଏ ହାର ମଧ୍ୟ ରହିଥିଲା । ଏହି ହାରଟି ସେହି ହାର ଅଟେ ଯେଉଁ ହାରକୁ ହଜ଼ରତ୍ ଖଦିଜା ର.ଅ ନିଜର ପୁତ୍ରୀ ହଜ଼ରତ୍ ଜ୍ରୈନବ୍ ର.ଅଙ୍କୁ ଯୌତୁକରେ ଦେଇଥିଲେ । ଯେତେବେଳେ ଆଁହଜ଼ରତ୍ ସ.ଅ ସେହି ହାରକୁ ଦେଖିଲେ ସେତେବେଳେ ଆଁହଜ଼ରତ୍ ସ.ଅଙ୍କ ହୃଦୟରେ ସ୍ୱର୍ଗତା ଖଦିଜା ର.ଅଙ୍କର ସ୍ମୃତି ପୁନର୍ବାର ସତେଜ ହୋଇଉଠିଲା ଏବଂ ହୁଜୁର୍ ସ.ଅଙ୍କର ଚକ୍ଷୁ ଅଶ୍ରୁରେ ପୂର୍ଣ୍ଣ ହୋଇଗଲା ଏବଂ ସାହାବମାନଙ୍କୁ କହିଲେ ଯେ, ଯଦି ତୁମମାନଙ୍କୁ ଉଚିତ୍ ମନେ ହୁଏ ତେବେ ତୁମେମାନେ ଜ୍ରୈନବ୍ ର.ଅଙ୍କର ଏହି ହାରଟିକୁ ଫେରାଇ ଦିଅ । ସେହାବାମାନେ କେବଳ ହୁଜୁର୍ ସ.ଅଙ୍କ ଇଶାରାକୁ ଚାହିଁ ବସିଥିଲେ । ଯେତେବେଳେ ହୁଜୁର୍ ସ.ଅ ଏହି କଥା କହିଲେ ସତେବେଳେ ସେମାନେ ଶୀଘ୍ର ହଜ଼ରତ୍ ଜ୍ରୈନବ୍ ର.ଅଙ୍କର ଧନ (ହାର) ଫେରସ୍ତ କଲେ ଏବଂ ଆଁହଜ଼ରତ୍ ସ.ଅ ଅବୁଲ୍ ଆସ୍ ର.ଅଙ୍କର ନଗଦ ଦିୟତ ବାବଦରେ ଏହି ସର୍ତ୍ତଟି ରଖିଲେ ଯେ, ସେ ମକ୍କାକୁ ଯାଇ ହଜ଼ରତ୍ ଜ୍ରୈନବ୍ ର.ଅଙ୍କୁ ମକ୍କାରୁ ମଦିନାକୁ ପ୍ରେରଣ କରିଦେବେ । ସୁତରାଂ ଏହିପରିଭାବେ ଏକ ବିଶ୍ୱାସକାରୀରର ଆତ୍ମା ଅବିଶ୍ୱାସୀମାନଙ୍କ କବଳରୁ ଉଦ୍ଧାର ପାଇଲା ଏବଂ କିଛି ଦିନ

ଗଲା ପରେ ହଜ଼ରତ୍ ଅବୁଲ୍ ଆସ୍ ମଧ୍ୟ ମୁସଲମାନ୍ ଧର୍ମରେ ଦୀକ୍ଷିତ ହୋଇ ମଦିନାକୁ ପ୍ରବାସକରି ଚାଲି ଆସିଲେ ଏବଂ ଏହିପରିଭାବେ ଏହି ସ୍ୱାମୀ ଓ ସ୍ତ୍ରୀ ଯୁଗଳ ପୁନର୍ବାର ଏକାଠି ହୋଇଗଲେ ।

ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ମଧ୍ୟ ଓହୋଦ୍ ଯୁଦ୍ଧ ସମ୍ବନ୍ଧରେ ଆଲୋକପାତ କରିଅଛନ୍ତି । ସେ ବର୍ଣ୍ଣନା କରନ୍ତି ଯେ, ସେହି ସାହାବାମାନେ ଯେଉଁମାନେ ହୁଜ଼ୁର୍ ସ.ଅଙ୍କ ଆଖପାଖରେ ଥିଲେ ସେମାନେ କୁଫ୍ଫାରମାନଙ୍କର ବିଶାଳ ସୈନ୍ୟଦଳ ଯୋଗୁଁ ବିକ୍ଷିପ୍ତ ହୋଇ ପଛକୁ ଧସେଇ ହୋଇଯାଇଥିଲେ, ଯେତେବେଳେ କୁଫ୍ଫାରମାନେ ପଛକୁ ଘୁଞ୍ଚିଲେ ସେତେବେଳେ ସେହି ସାହାବମାନେ ପୁନଶ୍ଚ ହୁଜ଼ୁର୍ ସ.ଅଙ୍କ ଚତୁଃପାର୍ଶ୍ୱରେ ଏକତ୍ରିତ ହୋଇଗଲେ ଏବଂ ହୁଜ଼ୁର୍ ସ.ଅଙ୍କର କ୍ଷତପ୍ରାପ୍ତ ଶରୀରକୁ ଉଠେଇଲେ । ସୁତରାଂ କିଛି ସମୟ ପରେ ହୁଜ଼ୁର୍ ସ.ଅଙ୍କର ଚେତା ଫେରିଲା ଏବଂ ସାହାବାମାନେ ଯୁଦ୍ଧଭୂମିର ଚତୁଃପାର୍ଶ୍ୱରେ ନିଜର ଲୋକମାନଙ୍କୁ ପ୍ରେରଣ କରିଲେ ଯେ, ମୁସଲମାନମାନେ ଯେପରି ପୁନର୍ବାର ଏକତ୍ରିତ ହୋଇଯାଆନ୍ତୁ । ପଳାୟନ କରିଥିବା ସୈନ୍ୟଦଳ ପୁଣିଥରେ ଏକତ୍ରିତ ହେବାକୁ ଲାଗିଲା ଏବଂ ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ଧରି ପାହାଡ଼ର ପାଦ ଦେଶକୁ ଚାଲିଗଲେ । ଯେତେବେଳେ ପାହାଡ଼ ପାଦ ଦେଶରେ ଥିବା ଗୁମ୍ଫାରେ ସେହି ସୁରକ୍ଷିତ ସୈନ୍ୟଦଳ ଛିଡ଼ା ହୋଇଥିଲା । ସେତେବେଳେ ଅବୁ ସୁଫିୟାନ୍ ଖୁବ୍ ଜୋର ଶବ୍ଦରେ ଡ଼ାକମାରି କହିଲା ଯେ, ଆମେମାନେ ମହମ୍ମଦ୍ ସ.ଅଙ୍କୁ ନିହତ କରିଦେଇଛୁ । ରସୁଲୁଲ୍ଲାଃ ସ.ଅ  ଅବୁ ସୁଫିୟାନର କଥାର କୌଣସି ଉତ୍ତରେ ଦେଲେ ନାହିଁ । କାରଣ ଏମିତି ନହେଉ ଯେ, କୁଫ୍ଫାର ଶତ୍ରୁମାନେ ବାସ୍ତବିକ ପରିସ୍ଥିତି ସଂପର୍କରେ ଅବଗତ ହୋଇ ପୁନର୍ବାର ଆକ୍ରମଣ କରିଦେବେ । କାରଣ ମୁସଲମାନମାନଙ୍କର ସେ ସମୟରେ ଅବସ୍ଥା ବା ପରିସ୍ଥିତି ଏତେଟା ଭଲ ନଥିଲା । ଅର୍ଥାତ୍ ସେମାନେ ପ୍ରତ୍ୟେକ ଦୃଷ୍ଟିକୋଣରୁ ଦୁର୍ବଳ ଥିଲେ । ଅବୁ ସୁଫିୟାନ୍ କ୍ରମାନ୍ୱୟରେ ହଜ଼ରତ୍ ଅବୁ ବକ୍କର୍ ର.ଅ, ହଜ଼ରତ୍ ଉମର୍ ର.ଅଙ୍କର ମଧ୍ୟ ନାମ ଧରି ଡ଼ାକିଲା ଯେ, ଆମେମାନେ ମଧ୍ୟ ସେମାନଙ୍କୁ ନିହତ କରିଦେଇଅଛୁ । କିନ୍ତୁ ଆଁହଜ଼ରତ୍ ସ.ଅ ସମସ୍ତ ସାହାବମାନଙ୍କୁ ଉତ୍ତରଦେବା ପାଇଁ ମନା କଲେ । ଏହା ଦେଖି ଅବୁ ସୁଫିୟାନ୍ ଏବଂ ତାହାର ସାଥୀମାନେ ଖୁସି ହୋଇ ସ୍ଲୋଗାନ ବା ଘୋଷ କଲେ ଯେ, **ଉଲୁଲ୍ ହୁବୁଲ୍** ଆର୍ଥାତ୍ ଆମମାନଙ୍କର ସମ୍ମାନିତ ଦେବତା ହୁବୁଲଙ୍କ ପ୍ରସିଦ୍ଧି ବୃଦ୍ଧି ପାଉ ଯେ, ସେ ଆଜି ଇସଲାମ୍ ଧର୍ମର ମୋଳୋତ୍ପାଟନ କରଦେଇଛନ୍ତି । ହୁଜ଼ୁର୍ ସ.ଅ ଅତ୍ୟନ୍ତ ଆବେଗପୂର୍ଣ୍ଣ ଶୈଳୀରେ ସାହାବାମାନଙ୍କୁ କହିଲେ ଯେ, ତୁମେମାନେ ଉତ୍ତର କାହିଁକି ଦେଉ ନାହଁ । ସାହାବାମାନେ କହିଲେ ହେ ରସୁଲୁଲ୍ଲାଃ ସ.ଅ ! ଆମେମାନେ କ'ଣ କହିବୁ ? ହୁଜୁର୍ ସ.ଅ କହିଲେ **ଅଲ୍ଲାଃହୁ ଆଲା ଓ ଅଜଲ୍ । ଅଲ୍ଲାଃହୁ ଆଲା ଓ ଅଜଲ୍** । ତୁମେମାନେ ମିଛ କଥା କହୁଛ ଯେ, ହୁବୁଲର ପ୍ରସିଦ୍ଧି ବୃଦ୍ଧି ପାଇଛି । ଏକ ଅଲ୍ଲାଃତାଲା ହିଁ ଅଟନ୍ତି ଯାହାଙ୍କର ପ୍ରସିଦ୍ଧି ହିଁ ବୃଦ୍ଧି ପାଇବ । ହଜ଼ରତ୍ ମୁସଲେହ୍ ମଉଦ୍ ନିମ୍ନୋକ୍ତ ଆୟତର ବ୍ୟାଖ୍ୟା କରି ବର୍ଣ୍ଣନା କରନ୍ତି ଯେ, **ଫଲ୍ ୟହଜରଲ୍ ଲଜ଼ିନା ୟୁଖାଲଫୁନା ଅନ୍ ଅମରହ ଅନ୍ ତୁସିବହୁମ୍ ଫିତନତୁନ୍  ଅଓ ୟୁସିବହୁମ୍ ଅଜ଼ାବୁନ୍ ଅଲମ୍ ।(ଅନ୍-ନୁର୍-64)** ଅର୍ଥାତ୍ ଯେଉଁମାନେ ତାହାଙ୍କ ଆଦେଶରେ  ବିରୁଦ୍ଧାଚରଣ କରନ୍ତି ସେମାନେ ସତର୍କ ହେବା ଉଚିତ୍ ଯେ, ଅଲ୍ଲାଃଙ୍କ ତରଫରୁ ସେମାନଙ୍କ ପ୍ରତି କୌଣସି ବିପଦ ପହଞ୍ଚି ନ ଯାଉ ବା ସେମାନଙ୍କ ପ୍ରତି କୌଣସି ଯନ୍ତ୍ରଣାଦାୟକ ଶାସ୍ତି ଉପସ୍ଥିତ ହୋଇ ନ ଯାଉ । ସୁତରାଂ ଦେଖନିଅ ଯେ, ଓହୋଦ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କର ଏହି ଆଦେଶକୁ ଅବଜ୍ଞା କରିବା ଫଳରେ ଇସଲାମୀୟ ସୈନ୍ୟଦଳକୁ କେତେ ବଡ଼ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା। ରସୁଲୁଲ୍ଲାଃ ସ.ଅ ଏକ ପାହାଡ଼ର ଦରରାର ସୁରକ୍ଷା ପାଇଁ ୫୦ ଜଣ ସୈନ୍ୟଙ୍କୁ ନିଯୁକ୍ତ କରିଥିଲେ ଏବଂ ଏହି ଦରରାଟି ଅତୀବ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ, ସେହି ସୈନ୍ୟର ଅଫିସର୍ ଅବ୍ଦୁଲ୍ଲାଃ ବିନ୍ ଜୁବୈର୍ ଅନସାରୀ ର.ଅଙ୍କୁ ଡ଼କାଇ କହିଲେ ଯେ, ଯଦିବି ଆମେ ନିହତ ହୋଇଯାଉ ଅଥବା ଜୟଲାଭ କରୁଁ ତେବେ ତୁମେମାନେ ଏହି ଦରରାକୁ କଦାପି ଛାଡ଼ିବ ନାହିଁ । କିନ୍ତୁ ଯେତେବେଳେ କୁଫ୍ଫାରମାନଙ୍କୁ ପରାଜୟ ବରଣ କରିବାକୁ ପଡ଼ିଲା ସେତେବେଳେ ସେହି ସାହାବାମାନେ ଯେଉଁମାନେକି ସେହି ଦରରାର ସୁରକ୍ଷା ପାଇଁ ମୁତୟନ ହୋଇଥିଲେ । ସେମାନେ ନିଜର ଅଫିସରଙ୍କୁ ଯାଇ କହିଲେ ଯେ, ବର୍ତ୍ତମାନ ତ' ଆମେମାନେ ବିଜୟ ଲାଭ କରିସାରିଛୁ । ବର୍ତ୍ତମାନ ତ' ଆମର ଏଠାରେ ଅପେକ୍ଷା କରିବା ବ୍ୟର୍ଥ ଅଟେ । ଆମମାନଙ୍କୁ ଅନୁମତି ଦିଅନ୍ତୁ ଯେ, ଆମେମାନେ ମଧ୍ୟ ଜିହାଦରେ ଶାମିଲ୍ ହୋଇ ପୁଣ୍ୟ ପ୍ରାପ୍ତି ହେଉ । ସେହି ସାହାବମାନଙ୍କୁ ଅଫିସର ବୁଝାଇବାକୁ ବହୁତ ଚେଷ୍ଟା କଲେ ଯେ, ଦେଖ ! ରସୁଲେ କରିମ୍ ସ.ଅଙ୍କ ଆଦେଶର ଅବଜ୍ଞା କର ନାହିଁ ବା ବିରୁଦ୍ଧାଚରଣ କର ନାହିଁ । କିନ୍ତୁ ସେମାନେ ଈଶ୍ୱରଙ୍କ ରସୁଲଙ୍କର ଆଦେଶକୁ ଅବମାନନା କରି ନିଜର ଅଭିମତକୁ ପ୍ରାଧାନ୍ୟ ଦେଇ ସେହି ଦରରାକୁ ଛାଡିଦେଲେ । କୁଫ୍ଫାରମାନଙ୍କର ଲିଡ଼ର୍ ଖାଲିଦ୍ ବିନ୍ ୱଲିଦ୍ ପଛ ଆଡ଼କୁ ବୁଲି ଚାହିଁଲେ ଏବଂ ସେ ଏହା

ଦେଖିବାକୁ ପାଇଲେ ଯେ, ଦରରାଟି ସଂପୂର୍ଣ୍ଣ ଶୂନ୍ୟ ପଡ଼ିଛି । ସେହି କୁଫ୍ଫାରମାନେ ପଳାୟନ କରୁଥିବା ନିଜର ସୈନ୍ୟମାନଙ୍କୁ ଏକତ୍ର କଲେ ଏବଂ ଇସଲାମୀୟ ସୈନ୍ୟର ଭୂଜାକୁ କାଟି ପାହାଡ଼ ଉପରେ ଚଢିଗଲେ ଏବଂ ଯେଉଁ କେତେକ ମୁସଲମାନମାନେ ସେଠାରେ ଉପସ୍ଥିତ ଥିଲେ ସେମାନଙ୍କୁ (ଶରୀରକୁ) ଖଣ୍ଡବିଖଣ୍ଡ କରି ପକାଇଲେ ଏବଂ ଇସଲାମୀୟ ସୈନ୍ୟର ପୃଷ୍ଠ ଭାଗ ଦେଇ ଆକ୍ରମଣ କରିଦେଲେ । କୁଫ୍ଫାରମାନଙ୍କର ଏହି ଆକ୍ରମଣ ଏଭଳି ଥିଲା ଯେ, ମୁସଲମାନମାନେ ବିଜୟର ଉତ୍ସବ ପାଳନ କରିବା ପାଇଁ ଏଣେତେଣେ ବ୍ୟାପି ଯାଇଥିଲେ ସେମାନଙ୍କର ପାଦ ଆଉ ସେଠାରେ ସ୍ଥାପିତ ହୋଇ ରହି ପାରିଲା ନାହିଁ । କେବଳ କିଛି ସାହାବାମାନେ ହିଁ ଦୌଡ଼ି ଆସି ରସୁଲେ କରିମ୍ ସ.ଅଙ୍କ ଚତୁଃପାର୍ଶ୍ୱରେ ଏକତ୍ରିତ ହୋଇଗଲେ । ଯାହାଙ୍କର ସଂଖ୍ୟା ଅତି ବେଶୀରେ ୨୦ ଥିଲା । କିନ୍ତୁ ଏହି କେତେଜଣ ସାହାବାମାନେ ଶତ୍ରୁମାନଙ୍କୁ ଆଉ କେତେ ସମୟ ପର୍ଯ୍ୟନ୍ତ ଅଟକାଇ ପାରିଥାଆନ୍ତେ ଏବଂ ସେମାନଙ୍କର ମୁକାବିଲା କରିପାରି ଥାଆନ୍ତେ । ପରିଶେଷରେ କୁଫ୍ଫାପରମାନଙ୍କର ଏକ ବିଶାଳ ସୈନ୍ୟମାନଙ୍କର ଆଗମନ ଘଟିବାରୁ ମୁସଲମାନ୍ ସୈନ୍ୟମାନେ ପଶ୍ଚାତପଦ ହେବାକୁ ବାଧ୍ୟ ହେଲେ ଏବଂ ରସୁଲେ କରିମ୍ ସ.ଅ ଯୁଦ୍ଧଭୂମିରେ ସଂପୂର୍ଣ୍ଣ ଏକାକୀ ହୋଇଗଲେ । ଏହିପରି ଅବସ୍ଥାରେ ରସୁଲୁଲ୍ଲାଃ ସ.ଅଙ୍କ ଖଅଦ୍ (ଲୌହର ଏକ ଟୋପି ଯାହାକି ଯୁଦ୍ଧ ମସୟରେ ବ୍ୟବହୃତ ହୋଇଥାଏ ଅର୍ଥାତ୍ ମୁଣ୍ଡରେ ଏହି ଟୋପିଟି ପରିଧାନ କରନ୍ତି) ରେ ଏକ ପଥରଖଣ୍ଡ ଆସି ବାଜିଲା । ଯଦ୍ୱାରାକି ସେହି ଖଅଦର ଏକ କଣ୍ଟା ଆସି ହୁଜୁର୍ ସ.ଅଙ୍କ ମୁଣ୍ଡରେ ବାଜି ମଥା ଫୁଟିଗଲା । ଯାହାଫଳରେକି ହୁଜୁର୍ ସ.ଅ ଚେତାଶୂନ୍ୟ ହୋଇ ଏକ ଗର୍ତ୍ତ ମଧ୍ୟରେ ପଡ଼ିଗଲେ । ସେହିପରି ଆଉ ଜଣେ  ସାହାବି ଆସି  ସେହି କଣ୍ଟାକୁ ବାହାର କରିଲେ ଏବଂ ତାଙ୍କର ଦାନ୍ତ ମଧ୍ୟ ଭାଙ୍ଗି ଯାଇଥିଲା ।

ହୁଜୁରେ ଅନୱର୍ କହିଲେ ଯେ, ଏଠାରେ ଅହମଦିମାନଙ୍କ ପାଇଁ ମଧ୍ୟ ଏକ ନୀତିଶିକ୍ଷା ଏବଂ ଚେତାବନୀ ରହିଛି ଯେ, ଆମେମାନେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କୁ ଗ୍ରହଣ କରି ସଂପୂର୍ଣ୍ଣ ଆଜ୍ଞାବହତା ତଥା ଆଜ୍ଞାନୁବର୍ତ୍ତୀତା ଓ ଆନୁଗତ୍ୟ ପ୍ରକାଶ କରି ସଫଳତା ଏବଂ ବିଜୟର ପ୍ରତିଭୂତି ହୋଇପାରିବୁ । ଅତଃ ପ୍ରତ୍ୟେକଙ୍କୁ ନିଜର ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି ଯେ, ଆମେମାନେ ଅଜ୍ଞାବହତା, ଆଜ୍ଞାନୁବର୍ତ୍ତୀତା, ଆନୁଗତ୍ୟତାର ସ୍ତରରେ କେତେଦୂର ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଛୁ । ହୁଜୁର୍ ଅନୱର୍ କହିଲେ ଅଲ୍ଲାଃତାଲା ଯେପରି ହଜ଼ରତ୍ ଅବଦୁଲ୍ଲାଃ ବିନ ଜୁବୈର୍ ର.ଅ ଏବଂ ତାଙ୍କର ସାଥୀମାନଙ୍କର ପ୍ରତିଜ୍ଞା ତଥା ପ୍ରତିଶୃତିର ସହିତ ଏବଂ ଆଦେଶର ଆବେଗକୁ ହୃଦୟଙ୍ଗମ କରିବାରେ ସାମର୍ଥ୍ୟ ପ୍ରଦାନ କରିଥଲେ । ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ଏହିପରି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ ମଧ୍ୟ ଏହିପରି ଆଦେଶ ପାଳନ କରିବା ପ୍ରତି ହୃଦ୍ୟଙ୍ଗମକାରୀରେ ଏବଂ ସଂପୂର୍ଣ୍ଣ ଆଜ୍ଞାକାରୀ ଏବଂ ଆନୁଗତ୍ୟକାରୀରେ ପରିଣତ କରନ୍ତୁ ଏବଂ ଏହିପରିଭାବେ ଆମେମାନେ ସର୍ବାଦା ଅଲ୍ଲାଃତାଲାଙ୍କର କୃପାବର୍ଷିର ଉତ୍ତରାଧୀକାରୀ ହୋଇଯାଉ ।

ହୁଜୁରେ ଅନୱର୍ କହିଲେ ନମାଜ୍ ପରେ ମୁଁ ଗୋଟିଏ ନମାଜେ ଯନାଜ଼ା ଗାଏବ୍ ମଧ୍ୟ ପଢେଇବି ଏବଂ ସେହି ଯନାଜ଼ା ନାଦିରୁଲ୍ ହୁସନି ସାହେବ ଅଫ୍ କାନାଡ଼ାଙ୍କର ଅଟେ । ୨୦ ଡ଼ିସେମ୍ବର ୨୦୧୮ରେ ୮୫ ବର୍ଷ ବୟସରେ ଅଲ୍ଲାଃତାଲାଙ୍କ ବିଧାନ ଅନୁଯାୟୀ ତାଙ୍କର ବିୟୋଗ ଘଟିଛି । **ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲେହି ରାଜିଉନ୍** । ସ୍ୱର୍ଗତଃ ଜଣେ ନିଷ୍ଠାବାନ୍ ଏବଂ ସ୍ୱଭାବତଃ ଶିଷ୍ଟ ବ୍ୟକ୍ତି ଥିଲେ । ତାଙ୍କର ଆର୍ଥିକ ତ୍ୟାଗର ମଧ୍ୟ ଏକ ସ୍ତର ଥିଲା । ସ୍ୱର୍ଗତଃ ମୁସି ଥିଲେ । ମୃତକଙ୍କର ପରିଜନମାନଙ୍କରେ ଜଣେ ସ୍ତ୍ରୀ ଏବଂ ପୁତ୍ର ଥିଲେ । ଯେଉଁମାନେ କି ଅହମଦି ନଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କୁ ମୋକ୍ଷ ପ୍ରଦାନ କରି ତାଙ୍କର ସ୍ତରକୁ ବୃଦ୍ଧି କରନ୍ତୁ ଏବଂ ତାଙ୍କର ପୁତ୍ର ଏବଂ ତାଙ୍କର ସ୍ତ୍ରୀଙ୍କୁ ମଧ୍ୟ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କର ଦୀକ୍ଷା ଗ୍ରହଣ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ସ୍ୱର୍ଗତ ହୁସନୀ ସାହେବ୍ ତାଙ୍କ ପରିଜନମାନଙ୍କ ସମ୍ବନ୍ଧରେ ଯେଉଁ ପ୍ରାର୍ଥନା କରିଛନ୍ତି ଅଲ୍ଲାଃତାଲା ତାହାକୁ ସ୍ୱୀକାର କରନ୍ତୁ । (ଆମିନ୍)

**KHULASA KHUTBA JUMA HUZOOR ANWAR a.b.a**

**.....................................................**

**28th DEC 2018**

**..................**